# Akashvani, Sambalpur

## SAMBALPURI NEWS BULLETIN

### 05 October 2025 – 6.47- 6.52 am.

**********************************************

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ I&PR

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲାକାଏଲ୍ ଆଭାସୀ ଜରିଏ ଦେଶର୍ ୨ ଶହ ଟା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନ ଦକ୍ଷତା ପ୍ରୟୋଗ୍‌ଶାଳା ଉଦ୍‌ଘାଟନ୍ କରିଛନ୍ । ଇତାର୍ ଭିତ୍‌ରେ ଝାର୍‌ସୁଗୁଡ଼ା ଜିଲ୍ଲାର୍ କିର୍ମିରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନ ଦକ୍ଷତା ପ୍ରୟୋଗ୍‌ଶାଳା ଉଦ୍‌ଘାଟିତ୍ ହେଇଛେ । କିର୍ମିରା ଠାନେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଜନଜାତି ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ଯୋଗ୍ ଦେଇକରି ଜନଜାତି ଛାତ୍ରଛାତ୍ରୀମାନ୍‌କର୍ ସାମଗ୍ରିକ୍ ବିକାଶ୍‌ଥି ଦକ୍ଷତା ଶିକ୍ଷାର୍ ବଡ଼ ଭୂମିକା ରହିଛେ ବଲି କହିଛନ୍ ।

ପଂଚଶଖା ଶିକ୍ଷା ସେତୁ-ବୈଠକ୍ I&PR

ପଂଚଶଖା ଶିକ୍ଷା ସେତୁର ପହେଲା ପରିଚାଳନା ପରିଷଦ୍‌ର ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟ ଶାସନ୍ ସଚିବ ମନୋଜ୍

ଆହୁଜାଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ପରିଷଦ୍‌ର ଗଲା ୨ ଟା ବୈଠକ୍‌ଥି ରାଜ୍ୟର୍ ୨୫ ଟା ଜିଲ୍ଲାର୍ ଭିନ୍ ଭିନ୍ ବିଦ୍ୟାଲୟର୍ ଉନ୍ନତି ଲାଗି ପୁରାତନ୍ ଛାତ୍ରଛାତ୍ରୀମାନ୍‌କର୍ ଆର୍ଥିକ୍ ଅନୁଦାନ୍ ସଙ୍ଗେ ସର୍କାର୍‌ଙ୍କର୍ ୨ ଗୁନା ଅନୁଦାନ୍ ରାଶିକେ ମିଶେଇକରି ମୋଟ୍ ୨୬ କୋଟି ଟଙ୍କାର୍ ୧ ହଜାର୍ ୫ ଶହ ୬୯ ଟା ପ୍ରକଳ୍ପକେ ମଞ୍ଜୁର୍ କରାଯାଇଥିଲା । ଆଏବା ଦିନ୍‌ମାନ୍‌କେ ପରିଷଦ୍‌ଥି ଆହୁରି ପୁରାତନ୍ ଛାତ୍ରଛାତ୍ରୀମାନ୍‌କୁ ସାମିଲ୍ କରାଯାଇକରି ସେମାନ୍‌କର୍ ଯୋଗ୍‌ଦାନ୍ ବ୍ୟାପକ୍ କରାଯିବା ବଲି ଇ ଅବ୍‌ସରେ ଶ୍ରୀ ଆହୁଜା କହିଛନ୍ । ଇ ଅବ୍‌ସରେ ମୁଖ୍ୟ ଶାସନ୍ ସଚିବ ପରିଷଦ୍ ଅଧୀନ୍‌ଥି ଚାଲିଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ଆଲୋଚନା କରିକରି ପ୍ରଶଂସା କରିଛନ୍ ।

କୃଷି ଓଡ଼ିଶା ସମ୍ମିଳନୀ- ବୈଠକ୍    I&PR

କୃଷି ଓଡ଼ିଶା ୨୦୨୫-୨୬ ସମ୍ମିଳନୀ ଆଏବା ଜାନୁଆରୀ ୨୨ ନୁ ୨୪ ତାରିଖ୍‌ତକ୍ ପାଲନ୍ କରାଯିବା । ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ପ୍ରସ୍ତୁତି ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ସମାବେଶ୍‌ଥି ରାଜ୍ୟ ଆଉ ରାଜ୍ୟ ବାହାରୁ ବୁଦ୍ଧିଜୀବୀ, ସଫଲ୍ ଚାଷୀ, କୃଷି ବୈଜ୍ଞାନିକ୍, କୃଷି ଉତ୍ପାଦକ୍‌ମାନେ ଯୋଗ୍ ଦେବେ । ଇ ଅବ୍‌ସରେ

କୃଷି ଉଦ୍ୟୋଗୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ୍ ଶକ୍ତିର୍ ସଦସ୍ୟ ମାନ୍କର୍ ତର୍ଫୁ ୨ ଶହ ୫୦ ନୁ ଅଏତ୍କା ଷ୍ଟଲ୍ ପ୍ରଦର୍ଶନ୍ କରାଯିବା । ସମାବେଶ୍ଥି ୧୦ ହଜାର୍ନୁ ଅଏତ୍କା ଚାଷୀ ଯୋଗ୍ ଦେବେ । କୃଷି ଯନ୍ତ୍ରପାତିର୍ ଭିଲ୍ ପ୍ରଦର୍ଶନ୍ କରାଯିବା ।

ଦୁର୍ଗାପୂଜା ମେଢ଼- ଆର୍ଥିକ ଅନୁଦାନ୍ I&PR

ଓଡ଼ିଆ, ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍ଫୁ ରାଜ୍ୟର୍ ଦୁର୍ଗାପୂଜା କମିଟିମାନ୍କୁ ୭ କୋଟି ୧ ଲାଖ୍ ୪୦ ହଜାର୍ ଟଙ୍କା ଅନୁଦାନ୍ ଦେବାର୍କେ ରାଜ୍ୟ ସର୍କାର୍ ନିଷ୍ପତି ନେଇଛନ୍ । ଇଥିର୍ଲାଗି ରାଜ୍ୟର୍ ୧ ହଜାର୍ ୮୫ ଟା ଦୁର୍ଗାପୂଜା କମିଟିକେ ୩ ଟା ବର୍ଗଥି ଭାଗ୍ କରାଯାଇଛେ । କ ବର୍ଗଥି ରାଜ୍ୟର୍ ୨ ଶହ ୧୫ ଟା ଐତିହ୍ୟ ସମ୍ପନ୍ନ ଦୁର୍ଗା ମେଢ଼ ରଖିକରି ୧ ଲାଖ୍ ୧ ହଜାର୍ ଟଙ୍କା ଲେଖା ସାହାଜ୍ ଦିଆଯିବା । ସେନ୍ତା ଖ ବର୍ଗଥି ଥିବା ୭୫ ବଛର୍ ପୁର୍ନା ଦୁର୍ଗା ପୂଜା କମିଟିମାନ୍କୁ ୭୫ ହଜାର୍ ଟଙ୍କା ଲେଖା ଆର୍ 'ଗ' ବର୍ଗଥି ଥିବା ୬ ଶହ ୭୩ ଟା କମିଟିକେ ୫୦ ହଜାର୍ ଟଙ୍କା ଲେଖା ଆର୍ଥିକ୍ ଅନୁଦାନ୍ ଦିଆଯିବା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍ଗା ଜରୁରୀ କାମ୍ ଥିବାର୍‌ନୁ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ଅଭିଯୋଗ୍ ଶୁଣାଣିର୍ ତାରିଖ୍ ସମ୍ବାଦ୍‌ପତ୍ର ଜରିଏ ସାଧାରଣ୍ ଲୁକ୍‌କୁ ଜନେଇ ଦିଆଯିବା ।

ବାଲି ଖନନ- ନିର୍ଦ୍ଦେଶ୍‌ନାମା ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍‌ସି ନଦୀର୍ ବ୍ରିଜ୍ ପାଖୁ କି ରେଲ୍‌ଲାଇନ୍ ପାଖୁ ବାଏଲ୍ ନାଇଁ କାଢ୍‌ବାର୍‌କେ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ତର୍‌ଫୁ ବାଏଲ୍‌ଘାଟ୍ ଲିଜ୍‌ଧାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ନିର୍ଦ୍ଦେଶ୍ ଅନ୍‌ସାରେ ବ୍ରିଜ୍ ପାଖର୍ ୩ ଶହ ମିଟର୍ ତକ୍ ଆଉ ରେଲ୍‌ଲାଇନ୍‌ର ଶହେ ମିଟର୍‌ତକ୍ ବାଏଲ୍ ଉଠାଯାଇ ନାଇଁପାରେ । ଇ ନିର୍ଦ୍ଦେଶ୍‌ନାମାକେ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କର୍‌ବାର୍ ଲାଗି ଜିଲ୍ଲାପାଲ୍‌ମାନ୍‌କୁ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଫୁର୍ଲିଝରନ୍ ଜଲପ୍ରପାତ ବନ୍ଦ୍ କଲାହାଣ୍ଡି ସମ୍ବାଦଦାତା

ଜବର୍ ବର୍ଷା ଲାଗି କଲାହାଣ୍ଡି ଜିଲ୍ଲାର୍ ଫୁର୍ଲିଝରନ୍ ଜଳପ୍ରପାତ ନ ବଏଢ଼୍ ପାଏନ୍ ଯାଉଛେ । ଇଥିର୍‌ଲାଗି ଆଏଜ୍ ଭିଲ୍ ଝରନ୍‌କେ ଲୁକ୍‌କର୍ ଲାଗି ବନ୍ଦ୍ ରଖାଯାଇଛେ । ଆଏବା କାଏଲ୍ ଭିଲ୍ ବନ୍ଦ୍ ରହେବା । ଇତାର୍‌ସହେତେ କର୍ଲାପାଟ ଅଭୟାରଣ୍ୟ ନ ଥିବା ଜାକମ୍ ଇକୋ କଟେଜ୍ ଭିଲ୍ ୨ ଦିନ୍ ବନ୍ଦ୍ ରହେବା ବଲି କର୍ଲାପାଟ୍ ଫରେଷ୍ଟର୍ ଯୋଗେନ୍ଦ୍ର ମାଝୀ ସୂଚ୍‌ନା ଦେଇଛନ୍ ।

ସୁରକ୍ଷା ସମିତି ବୈଠକ          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାସ୍ତରୀୟ ସୁରକ୍ଷା ସମିତି ବୈଠକ୍ ଗଲାକାଏଲ୍ ଅତିରିକ୍ତ ଜିଲ୍ଲାପାଳ୍ ତନ୍ମୟ କୁମାର୍ ଦର୍‌ୱ୍ୱାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଅଗଷ୍ଟ ଆଉ ସେପ୍ଟେମ୍ବର୍ ମାସେ ଜିଲ୍ଲା ନ ପରିବହନ୍ ବିଭାଗ୍‌ର ରାଜସ୍ୱ ୬ କୋଟି ୫୦ ଲାଖ୍ ରହିଛେ । ଇ କ୍ଷେତ୍ରଥି କଲାହାଣ୍ଡି ଜିଲ୍ଲା ରାଏଜେ ୧ ନମ୍ବର୍ ହେଇଛେ ବଲି ଆଂଚଳିକ୍ ପରିବହନ୍ ଅଧିକାରୀ ସୂଚ୍‌ନା ଦେଇଛନ୍ । ସେନ୍ତା ବୈଠକ୍‌ଥି ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଖରାପ୍ ଥିବା ଘାଟି ରାସ୍ତାର୍ ମରାମତି, ରାସ୍ତା ନ ଗାଡ଼୍‌ୱ୍ୱାଲ୍ ତିଆର୍, ଦୁର୍ଘଟଣା ପ୍ରବଣ ରାସ୍ତାମାନ୍‌କର୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଆନ୍ତର୍ଜାତିକ ଶିକ୍ଷକ୍ ଦିବସ୍ ଆର୍ଏନ୍ୟୁ/ ସମ୍ବଲପୁର

ସମାଜ୍ ଲାଗି ଶିକ୍ଷକ୍ ମାନ୍କର୍ ଅବଦାନ୍ ଆର୍ ସେମାନ୍କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକାକେ ସମ୍ମାନ୍ ଜନାବାର୍ ଲାଗି ଆଏଜ୍ ସାରା ପୁର୍ଥି ନ ଆନ୍ତର୍ଜାତିକ ଶିକ୍ଷକ୍ ଦିବସ୍ ପାଲିତ୍ ହେଉଛେ । ୧୯୬୬ ମସିହା ୟୁନେସ୍କୋ ତର୍ଫୁ ଶିକ୍ଷକ୍ମାନ୍କର୍ ଅଧିକାର୍ ଆର୍ ଦାୟିତ୍ୱ ଉପ୍ରେ ଗୁଟେ ସମ୍ମିଲନୀ ହେଇଥିଲା । ସମ୍ମିଲନୀଥି ଶିକ୍ଷକ୍ମାନ୍କର୍ ଅଧିକାର୍ ଆର୍ ଦାୟିତ୍ୱ, ନିଯୁକ୍ତି, ଶିକ୍ଷାଦାନ୍ ଆର୍ ଶିକ୍ଷାର୍ ମାନଦଣ୍ଡ ଥିର୍ କର୍ବାର୍ ଲାଗି ୟୁନେସ୍କୋର ସୁପାରିଶ୍ ଗ୍ରହଣ୍ କରାଯାଇଥିଲା । ସେଦିନୁ ଫି ବଛର୍ ଆଜିର୍ ଦିନ୍କେ ଶିକ୍ଷକ୍ ଦିବସ୍ ଭାବେ ପାଲନ୍ କରାଯାଇଆସୁଛେ । ଇ ବଛର୍ ଇ ଦିବସ୍ର ବାର୍ତା ହେଉଛେ 'ଶିକ୍ଷାଦାନକୁ ଏକ ସହଯୋଗୀ ବୃତି ଭାବେ ପୁନଃପ୍ରକାଶ କରିବା' ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ର ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ କେତେଟା ଜାଗା ନ ହାଲ୍କା ନୁ ମଧମ୍ ଧରଣ୍ର ବର୍ଷା

ହେଇପାରେ । ସମ୍ବଲପୁର, ଝାରସୁଗୁଡ଼ା, ବର୍‌ଗଡ୍‌, ସୁନ୍ଦର୍‌ଗଡ୍‌, ଦେବ୍‌ଗଡ୍‌ ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ଘଡ୍‌ଘଡ଼ି ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୩ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ସଖାଲର୍ ୩ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୮ ଦଶ୍‌ମିକ୍ ୮/୯ ଫୁଟ୍ ରହିଛେ ।